# ଉଦ୍‌ବେଳନ

ସତ୍ୟ ଯୁଗରେ କାଳେ ପାହାଡ଼ମାନେ ଉଡ଼ି ପାରୁଥିଲେ । ସେମାନଙ୍କର ଡେଣାକୁ କଳିଯୁଗରେ କାଟି ଦିଆଯାଇଛି, କାରଣ ସେମାନେ ଧ୍ୟାନମଗ୍ନ ତପସ୍ୱୀ ପ୍ରାୟ ବସିରହି ସବୁ ଅଘଟଣ ଦେଖି ପାରିବେ । ଯୋଗମାୟା ପାହାଡ଼ ସେପରି ଏକ ତପସ୍ୱୀ ଯିଏ ତା'ର ଶୀର୍ଷ ଦେଶରେ ଗୋଟାଏ ଅଙ୍କାବଙ୍କା ତାଳଗଛକୁ ଆଶ୍ରୟ ଦେଇ ସାକ୍ଷୀ କରି ରଖିଛି । ପୁରୁଣା କାଳରୁ ଜଗନ୍ନାଥପୁର ଗାଆଁଟାର ଅନେକ କାହାଣୀର ମୁକ ସାକ୍ଷୀ ସେଇ ଡେଙ୍ଗା ତାଳଗଛ । କେହି ତାର ବୟସ ଅନୁମାନ କରନ୍ତୁ ବା ନ କରନ୍ତୁ ହେଲେ ଯୋଗମାୟା ପାହାଡ଼ ଜାଣେ କେବେ ଠାରୁ ତାର ଚାନ୍ଦିଆ ମୁଣ୍ଡରେ ଏ ଗଛଟି ଇତିହାସକୁ ଧରି ଠିଆ ହୋଇଛି । ପାହାଡ଼ ଅଗିଲାରେ ମା' ଯୋଗମାୟା ଅନନ୍ତ କାଳରୁ ଆସୀନା । ଆଉ ଦଶ ହାତ ଦୂରରେ ମା' ଦକ୍ଷିଣଚଣ୍ଡୀ ମନ୍ଦିର । ପୂର୍ବ ଦିଗଟାକୁ କୌଣସି ଅଶୁଭ ପାରମ୍ପାରିକ ଭୟକୁ ଦୂରେଇ ଦେବା ପାଇଁ ପ୍ରାଚୀର ସଦୃଶ ଦଣ୍ଡାୟମାନ ଅଛନ୍ତି । ମା'ଙ୍କ ଅପାର କରୁଣାରୁ ଦୈବୀ ଦୁର୍ବିପାକ ଜଗନ୍ନାଥପୁର ଶାସନ ଭିତରକୁ ପଶି ପାରେ ନାହିଁ । ଏତକ କହିବାର ଉଦ୍ଦେଶ୍ୟ ହେଉଛି ଯେ ଏ ଗାଆଁଟି ସୁନ୍ଦର ଗୋଟିଏ ମଫସଲି ସଭ୍ୟତାର ଗନ୍ତାଘର । ଯାହାର ହାନିଲାଭ, ଭଲମନ୍ଦ ସବୁ ଏ ଗାଆଁର ସୀମା ସରହଦ ଭିତରେ ଆବଦ୍ଧ ରହେ ।

ଯୋଗମାୟା ପାହାଡ଼ ଦେହରେ ଆକାଶ ଠାରୁ ପୃଥିବୀ ପର୍ଯ୍ୟନ୍ତ ବ୍ୟାପ୍ତ ଗୋଟାଏ ଗୋଟାଏ ପ୍ରକାଣ୍ଡ ଗର୍ତ୍ତ । କୁହାଯାଏ ଏଠାରୁ ବଉଳମାଳିଆ ପଥରଖଣ୍ଡ କଟାହୋଇ ବଡ଼ ଦେଉଳର ତିଆରି ପାଇଁ ଚାଲାଣ ହେଉଥିଲା । ଜଗନ୍ନାଥପୁର ଶାସନ ଗାଆଁଟା ଏ ପାହାଡ଼ର ପାଦ ଦେଶରେ ପୂର୍ବରୁ ପଶ୍ଚିମକୁ ଲମ୍ବି ବସିଛି । ପାହାଡ଼ର ଆରପଟେ ବଢ଼ି ପାଣିର ଲହରୀ ମଥା ପିଟେ । ଯେପରି ପ୍ରତ୍ୟେକ ସନ ଯୋଗମାୟା ପାହାଡ଼କୁ ଭଲପାଇ ବଢ଼ିପାଣି ତାକୁ ଛୁଇଁ ଯାଏ । ମାଛରଙ୍କା ଚଢ଼େଇଗୁଡ଼ାକୁ ଚିଁ ଚିଁ କରି ଉଡ଼ି ସେଇ ତାଳ ଗଛର କିଛି ଦିନ ମେହମାନ ହୋଇ ପୁଣି ପାଣି ଛାଡ଼ିଗଲେ ସେମାନେ ବି ପାଣି ସାଥିରେ ଉଭାନ ହୋଇ ଯାଆନ୍ତି । ଯେମିତି ଯାଯାବର ଜୀବନର ଗୋଟାଏ ନିଛକ ପ୍ରତିଛବି ।

ମୋ ଦେହରେ ଯେତେବେଳେ ଚଇତିଟା ଅଳପ ଅଳପ ଛୁଇଁ ଥିଲା, ଦକ୍ଷିଣା ପବନଟା ଦେହରେ ଫୋଡ଼ି ହେଲା ପରି ଲାଗୁଥିଲା, ସେତେବେଳେ ଆମ ରମା ନାନୀକୁ ବସନ୍ତ ଛୁଇଁ ସାରିଥିଲା ଏବଂ ସେ କାହାକୁ ଜଣକୁ ଭଲ ପାଇବାର ଠିକଣା ମୁଁ ପାଇପାରିଲି । ବୟସର କତିପୟତା ଦୃଷ୍ଟିରୁ ଚିଠି ଦେବାନେବାର ଗୋଟାଏ ମାଧ୍ୟମ ମୁଁ ହୋଇ ଯାଇଥାଏ ରମା ନାନୀର । ଛୋଟ ପିଲାଟାଏ ତ । କିଛି ଯେପରି ଜାଣି ପାରିବି ନାହିଁ ଭାବି ରମାନାନୀ ତା'ର ଦରୋଟି ପାଠ ପଢ଼ି ଲେଖିଥିବା ପ୍ରେମପତ୍ର ମୋ ହାତରେ ବୟସର ଯାଦୁଗର ନିର୍ମଳଭାଇ ପାଖକୁ ପଠାଇଥାଏ । ମୁଁ ଚିଠି ଖୋଲି ଏକୁଟିଆ ଯୋଗମାୟା ପାହାଡ଼ ତଳେ ପଥର ଖଣ୍ଡ ଉପରେ ଚକାମୁଣ୍ଡି ପକାଇ ଆମୂଳଚୁଳ ପଢ଼ିଯାଏ । ହେଲେ ମୋର ମଗଜରେ ସେ ଦରପାଠୁଆ ପ୍ରଣୟର ଅକୁହା ଭାଷା ପଶି ପାରେନା । ନା ମନରେ ସୃଷ୍ଟି ହୁଏ କିଛି ବେପଥୁ । କେବଳ ଜାଣିପାରେ ଯେ ଭଲ ପାଇବାକୁ ପଡ଼େ, ଆଉ ଭଲ ପାଇଲେ ଚିଠି ଲେଖିବାକୁ ହୁଏ, ପୁଣି ଚିଠିର ଉତ୍ତର ଖୁବ୍ ଶୀଘ୍ର ଦେବାକୁ ପଡ଼େ, ପୁଣି ଚିଠି ଲେଖାଯାଏ ଇତ୍ୟାଦି । ଏହା ମୋର ନରମ ମନରେ ଗୋଟାଏ ଦ୍ୱନ୍ଦ୍ୱ ସୃଷ୍ଟି କରିପକାଏ ।

ଦିନେ ଦିନେ ରମାନାନୀକୁ ଦେଖି ଜାଣିପାରେ ଯେ ତା'ର ମନଟା ଯେପରି ଜମାରୁ ଭଲ ନାହିଁ । ଯେପରି କିଛି ଗୋଟିଏ ହଜାଇ ଦେଇଛି । ମୁଁ ଯେତେ ଫଟେଇ ପଚାରିଲେ ବି ରମାନାନୀ କହେ– ମୁଁ ପିଲାଟା, ଭଲପାଇବାର ଦାଉ ବୁଝି ପାରିବି ନାହିଁ । ଯେତେବେଳେ ମୁଁ ପହିଲି ପ୍ରେମର ସୁଆଦ ଚାଖିବି, ସେତେବେଳେ ଜାଣିପାରିବି ଭଲପାଇ ବସିଲେ କାହିଁକି ମନଟା ଉଦାସ ରହେ, କାହିଁକି ବେଳେବେଳେ ମନଟା ଆନମନା ହୋଇଯାଏ, କାହିଁକି ବେଳେବେଳେ ସବୁ ମିଠା ପିତା ଲାଗେ, ଆଉ ସବୁ ପିତା ମିଠା ଲାଗେ, ଆମ୍ବ ବଉଳର ବାସ୍ନା ଭଲ ଲାଗେ, କୋଇଲିର କୁହୁ ତାନଟା ଖଟା ଲାଗେ, ଦକ୍ଷିଣା ପବନ ଭଲ ଲାଗେ, ଝିପି ଝିପି ବର୍ଷା ପ୍ରମାଦ ଆଣେ ଇତ୍ୟାଦି । ତଥାପି ମୋର ମନଟା ବୁଝିବା ପାଇଁ ରମାନାନୀକୁ ବାରମ୍ବାର ପଚାରି ବସେ । ରମାନାନୀ ମୋର ଗାଲରେ କଅଁଳ ଚାପୁଡ଼ାଟିଏ ପକାଇ କହେ– ମୁନା ! ତୁ ଟିକିଏ ନିର୍ମଳ ଭାଇକୁ ଦକ୍ଷିଣଚଣ୍ଡୀ ପଥର ଚକଡ଼ାରେ ଦେଖା ହେବାକୁ ଆଜି ସନ୍ଧ୍ୟାରେ ଖବର ଦେଇ ପାରିବୁ ? ରମାନାନୀକୁ ମୁଁ ପ୍ରେମ ନ କରୁଥିଲେ ବି ତା' ମୋ ଭିତରେ କିପରି ଗୋଟିଏ ନିବିଡ଼ତା ଆସିଯାଇଥାଏ ଏବଂ ରମାନାନୀ ମୁହଁରେ ହସ ଦେଖିବା ପାଇଁ ମୁଁ ଯେ କୌଣସି କାମ କରିପାରେ ।

ଝିଅମାନେ ଅଳିଆରୁ ପଡ଼ି ଗଜା । ସେମାନଙ୍କ ବୟସଠାରୁ ଚିନ୍ତା ଓ ଭାବନାରେ ସେମାନେ ସମବୟସ୍କ ପୁଅମାନଙ୍କଠାରୁ ଯଥେଷ୍ଟ ଆଗୁଆ । ରମାନାନୀ ଝିଅଟିଏ । ତେଣୁ ସେ ମୋଠାରୁ ମନରେ ଓ ଭାବନାରେ ଯଥେଷ୍ଟ ଆଗୁଆ । ଯେ କୌଣସି ଯୁକ୍ତିର ଉତ୍ତର ରମାନାନୀର ନାଲି ଓଠଧାରରେ ମହଜୁତ ଥାଏ । ରାସ୍ତା ଭାଙ୍ଗି ଯେକୌଣସି ବିପଦକୁ ରମାନାନୀ ଟାଳିଦେଇ ପାରେ । ଆଉ ଅବାଟରେ ମଧ୍ୟ ବାଟର ସୃଷ୍ଟି କରିପାରେ । ରମାନାନୀର ପାଠପଢ଼ାର ଡୋରି କେବେଠାରୁ ବନ୍ଧା ହୋଇସାରିଛି ମୋତେ ଜଣା ନାହିଁ । ହେଲେ ବହି ଖାତା ଟ୍ରଙ୍କ ଭିତରେ ନିର୍ମଳ ଭାଇଙ୍କର ଚିଠି ଓ ଫଟୋ ସୁରକ୍ଷିତ ଥାଏ ସମସ୍ତଙ୍କର ଅଗୋଚରରେ, ମୋର ଜାଣିବାରେ । ମୁଁ ରମାନାନୀର ଗୋଚରରେ କିମ୍ବା ଅଗୋଚରରେ ଗୋଟାଏ ଅଧେ ପ୍ରେମ ଚିଠି ହାତେଇବାର ଚେଷ୍ଟା କଲେ ମୋତେ ଗୋଟେ ଦୁଇଟା ଚାପୁଡ଼ାର ପ୍ରାପ୍ୟ ଯେ ନହୁଏ ତାହା ନୁହେଁ । ତାହା ମୋର ଦୁଷ୍ଟାମୀ ପାଇଁ ମୁଁ ମୁଣ୍ଡପାତି ସହିନିଏ ।

ନିର୍ମଳ ଭାଇ ମୋଟ ଉପରେ ଗୋଟାଏ ନିର୍ମଳ ମଣିଷ । କେଉଁ ଦୁର୍ବଳ ମୁହୂର୍ତ୍ତରେ ରମାନାନୀ ନିର୍ମଳ ଭାଇଙ୍କୁ ଭଲପାଇ ବସିଲା, ମୋତେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । କୁହାଯାଏ ଭଲ ପାଇବାର ଗୋଟାଏ ନିର୍ଦ୍ଦିଷ୍ଟ ରେଖା, ଗୋଟାଏ ଢଙ୍ଗ ବା ଗୋଟାଏ ରଙ୍ଗ ନଥାଏ । କୁଆଡ଼େ ଭଲପାଇବାଟା କବିତା ଲେଖିବା ପରି ଆପେ ଆପେ ହୋଇଯାଏ । ଆଉ ଥରେ ଭଲ ପାଇଗଲେ କଳା ମସିହା ଝିଅଟା ବି ପୃଥିବୀର ସବୁଠାରୁ ସୁନ୍ଦରୀ ତରୁଣୀ କ୍ଲିଓପାଟ୍ରା ବା ଆମ୍ରପଲ୍ଲୀ ଠାରୁ ବି ସୁନ୍ଦରତର ଲାଗେ । ସେଇ ଗାଆଁ ମୁଣ୍ଡ ଦକ୍ଷିଣଚଣ୍ଡୀ ମନ୍ଦିର ପାଖରେ ଥିବା ବିରାଟ ବରଗଛର ଛାଇ ଯେପରି ଦୁହିଁଙ୍କର ଭଲ ପାଇବାର ବା ମନ ଦିଆନିଆର ମୁକ ସାକ୍ଷୀ । ଦୁହେଁ ବେଳେବେଳେ ନିଷିଦ୍ଧ ସମୟରେ ଏକାଠି ହେବା ଓ ପ୍ରଗଳ୍ଭ ଭାବରେ କଥାବାର୍ତ୍ତା ହେବା ମୋର ଅଗୋଚରରେ ଅନ୍ତତଃ ହୁଏ ନାହିଁ । ଯାହାର ବିଷୟବସ୍ତୁ ମୋର ଅନୁର୍ବର ମସ୍ତିଷ୍କରେ ପଶି ପାରେନା ।

ରମାନାନୀର ଭଲ ପାଇବାଟା ନିବିଡ଼ତର ହେବା ବେଳକୁ ତା'ର ଘର ତରଫରୁ ବାହାଘର ପାଇଁ କଥା ପଡ଼ିଲା ପାଖ ଗାଆଁର କୁନିଆ ପଣ୍ଡା ସାଙ୍ଗେ । ନାନୀର ରଙ୍ଗୀନ୍ ମନଟା କାଦୁଆ ହୋଇଗଲା ଯେପରି । ନିର୍ମଳ ଭାଇ ଶୁଣି ନ ଶୁଣିବା ପରି ରହିଗଲେ ବିବାହ ହେବା ନ ହେବା ପାଇଁ ରମାନାନୀ ଉପରେ ଭରସା ରଖାଯାଇପାରେ ଭାବି । ଦେଖାଚାହାଁ ପରେ ଯେତେବେଳେ ନିର୍ବନ୍ଧ ହେବା ଲାଗି ଦିନ ଧାର୍ଯ୍ୟ ହେଲା ରମାନାନୀ ଆଗେଇ ଆସି କଥା ବାଢ଼ିଲା ଯେ ସେ ବାହାହେଲେ କେବଳ ନିର୍ମଳ ଭାଇଙ୍କୁ ହିଁ ବାହା

ହେବ। ତା'ନହେଲେ ଏ ପାର୍ଥିବ ଦେହଟାକୁ ନଷ୍ଟ କରିବାର ଅନେକ ପଥ ମଧ୍ୟରୁ ସେ ଗୋଟିଏ ବାଛି ନେବ। ଯେହେତୁ ରମାନାନୀ ଉପରେ ନାନା କଟକଣା ଘରୁ ବାହାରିବା ପାଇଁ, ମୁଁ ନିର୍ମଳ ଭାଇର ଖବର ଆଣି ରମାନାନୀ ପାଖରେ ପହଞ୍ଚାଇ ଦେଇଥାଏ।

ଅନିଚ୍ଛାସତ୍ତ୍ୱେ ହେଉ ବା ଇଚ୍ଛା ସତ୍ତ୍ୱେ ହେଉ ରମାନାନୀର ବାହାଘର କୁନିଆ ପଣ୍ଡା ସହିତ ସମ୍ପନ୍ନ ହୋଇଗଲା। ରମାନାନୀକୁ କୁହାଗଲା ଯେ କୁନିଆ ଚାରିହାତିଆ ମିଣିପିଟା, ଗାଆଁ ସ୍କୁଲରେ ମାଷ୍ଟ୍ର, ପଇସା କଉଡ଼ି ଯଥେଷ୍ଟ ଅଛି, କ୍ଷେତିବାଡ଼ି ବଗିଚା ଅନେକ। ରମାନାନୀ ଝିଅ ଟାଏ। ଢଳିଗଲା ଘର ସଂସାର କରି ସୁଖରେ ରହିବା ପାଇଁ। ହେଲେ ଯୁପ ପଶୁ ପରି ନିର୍ମଳ ଭାଇ ହିଁ ଏହି ଯଜ୍ଞରେ ବଳି ପଡ଼ିଗଲେ। ରମାନାନୀର ବିଦାୟ ନିର୍ମଳ ଭାଇ ମନରେ ଯେଉଁ ଗଭୀର କ୍ଷତ ସୃଷ୍ଟି କଲା ତା'ର ଉପଶମ ପାଇଁ ନିର୍ମଳ ଭାଇ ଗାଆଁ ମୁଣ୍ଡ ବରଗଛ ତଳେ ଅନେକ ଦିନ ଅପରାହ୍ଣଟା କଟାଇ ଦେଲା। ଯାହା ପଚାରିଲେ ସେ ରହେ ନିରୁତ୍ତର। ମୋର ନିର୍ମଳ ଭାଇକୁ ଦେଖାହେଇ କିଛି କହିବାର ଇଚ୍ଛା ମନରେ ଆସିଲେ ମଧ୍ୟ ସାହସ କୁଳାଏ ନାହିଁ। ତା' ପରେ ଅନେକ ଦିନ ଦକ୍ଷିଣ ଚଣ୍ଡୀ ମନ୍ଦିର ବେଢ଼ାରେ ନିର୍ମଳ ଭାଇ ଅଖିଆ ଅପିଆ ପଡ଼ି ରହିବା ଗାଆଁଲୋକେ ଦେଖିଛନ୍ତି।

ରମାନାନୀ ତା'ର ଲମ୍ବା ପଣତ କାନିରେ ମୁହଁଟାକୁ ଢାଙ୍କିଦେଇ ସିନା ମନର ଅକୁହା କଥାଗୁଡ଼ାକ ହଜମ କରିଗଲା, ହେଲେ ନିର୍ମଳ ଭାଇ ? ସମାଜର ଚଉହଦୀରେ ଅନେକ ନିର୍ମଳ ଭାଇ ପ୍ରେମ ପାଇଁ ପାଗଳ ହୋଇ ହେଉ ବା ମାନିସିକ ଉଦ୍‌ବେଳନ ଯୋଗୁଁ ହେଉ ସଂସାର ତ୍ୟାଗ କରିଛନ୍ତି, ତାଙ୍କ ନାଆଁ ନା ଇତିହାସ ଲେଖି ରଖିଛି ନା କେହି ମନରେ ରଖି ଆହା ପଦଟିଏ ଦେଇ ପାରିଛି। ତେଣୁ ହେ ନିର୍ମଳ ଭାଇମାନେ ! ପ୍ରେମକୁ ଜୁହାର କରି ଏ ସମାଜରେ ନାରୀ ନାମକ ତତଲା ବୈତରଣୀର ଅଖଣ୍ଡ ସୁଅକୁ ପାରିହୁଅ ଯଦି ତୁମର ଶକ୍ତି ଅଛି। ନହେଲେ ବୁଡ଼ି ମରିବା ହିଁ ସାର ହେବ।

ଆଉ ମୁଁ । ମୁଁ ତ ଛୋଟ ପିଲାଟା। ସୁଅ ବେଶି ହେଲେ ଡଙ୍ଗାରୁ ଡେଇଁ, ପହଁରି ପହଁରି ଆରପାରିରେ ଶାନ୍ତିରେ ଘୁଙ୍ଗୁଡ଼ି ମାରି ପାରିବି।

***